# Fourth meeting of BRICS Sherpas and Sous Sherpas

December 15, 2021

## ବ୍ରିକ୍ସ ଶେର୍ପା ଏବଂ ସୋସ୍ ଶେର୍ପାମାନଙ୍କର ଚତୁର୍ଥ ବୈଠକ

**ଡିସେମ୍ବର 15, 2021**

ବ୍ରିକ୍ସ ଶେର୍ପା ଏବଂ ସୋସ୍ ଶେର୍ପାମାନଙ୍କର ଚତୁର୍ଥ ତଥା ଅନ୍ତିମ ବୈଠକ 15 ଡିସେମ୍ବର 2021 ରେ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାରତର ବ୍ରିକ୍ସ ଶେର୍ପା ଭାବରେ ସଚିବ (ସିପିଭି ଏବଂ ଓଆଇଏ) ଶ୍ରୀ ସଞ୍ଜୟ ଭଟ୍ଟାଚାର୍ଯ୍ୟ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

2. ଚଳିତ ବର୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରିବା ପାଇଁ ଏହି ବୈଠକ ସୁଯୋଗ ପ୍ରଦାନ କରିଥିଲା।  ଏହାର ଅଧ୍ୟକ୍ଷତା ପାଇଁ ଭାରତ 'ବ୍ରିକ୍ସ@15: ନିରନ୍ତରତା, ଏକୀକରଣ ଏବଂ ସହମତି ପାଇଁ ଆନ୍ତଃବ୍ରିକ୍ସ ସହଯୋଗ' ବିଷୟବସ୍ତୁକୁ ବାଛିଥିଲା ଏବଂ ଏହା ପାଇଁ ନିମ୍ନଲିଖିତ ପ୍ରାଥମିକତାଗୁଡିକ ଥିଲା - (i) ବହୁପକ୍ଷୀୟ ବ୍ୟବସ୍ଥାର ସଂସ୍କାର, (ii) ଆତଙ୍କବାଦର ମୁକାବିଲା, (iii) ଏସଡିଜି ହାସଲ କରିବା ପାଇଁ ଡିଜିଟାଲ ଓ ଟେକ୍ନୋଲୋଜିକାଲ୍ ସମାଧାନ ବ୍ୟବହାର କରିବା, ଏବଂ (iv) ଲୋକମାନଙ୍କ ମଧ୍ୟରେ ବିନିମୟ ବୃଦ୍ଧି କରିବା।

3. 13 ତମ ବ୍ରିକ୍ସ ଶିଖର ସମ୍ମିଳନୀ 9 ସେପ୍ଟେମ୍ବର 2021 ରେ ଭର୍ଚୁଆଲ୍ ଫର୍ମାଟରେ ଅନୁଷ୍ଠିତ ହୋଇଥିଲା।  ନେତାମାନଙ୍କ ଦ୍ୱାରା ଦିଲ୍ଲୀ ଘୋଷଣାନାମା ଗୃହୀତ ହୋଇଥିଲା ଯାହାକି କୋଭିଡ ମହାମାରୀ ବିରୁଦ୍ଧରେ ଲଢିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲା, ରାଜନୈତିକ-ସୁରକ୍ଷା, ଅର୍ଥନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ବ୍ରିକ୍ସ ଦେଶଗୁଡିକର ମିଳିତ ପ୍ରୟାସକୁ ଆହୁରି ଗଭୀର କରିଥିଲା ଏବଂ ବ୍ରିକ୍ସକୁ ନୂତନ ଶକ୍ତି ପ୍ରଦାନ କରିଥିଲା।

4. ବ୍ରିକ୍ସ ବୈଦେଶିକ ମନ୍ତ୍ରୀମାନେ ଜୁନ 2021 ରେ ସେମାନଙ୍କର ବୈଠକରେ ବହୁପକ୍ଷୀୟ ବ୍ୟବସ୍ଥାକୁ ମଜବୁତ କରିବା ତଥା ଏଥିରେ ସଂସ୍କାର ଆଣିବା ଉପରେ ମିଳିତ ବିବୃତ୍ତି ଗ୍ରହଣ କରିଥିଲେ ଯାହା ବୈଶ୍ୱିକ ଶାସନକୁ ଅଧିକ ପ୍ରଭାବୀ, ସ୍ୱଚ୍ଛ, ଗଣତାନ୍ତ୍ରିକ, ପ୍ରତିନିଧିମୂଳକ ତଥା ସଦସ୍ୟ ରାଷ୍ଟ୍ରମାନଙ୍କ ନିକଟରେ ଉତ୍ତରଦାୟୀ କରିବା ଉପରେ ଆଧାରିତ। ସଂଶୋଧିତ ବ୍ରିକ୍ସ ସର୍ତ୍ତାବଳୀ ରେଫରେନ୍ସ 2021 ସେପ୍ଟେମ୍ବରରେ ଶେରପାମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା ଯାହା ବ୍ରିକ୍ସର ସବୁ ସ୍ତରରେ ସହମତି ଭିତ୍ତିକ କାର୍ଯ୍ୟ ପ୍ରଣାଳୀକୁ ସଂରକ୍ଷଣ ତଥା ସୁଦୃଢ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲା।

5. ଚଳିତ ବର୍ଷ ମଧ୍ୟରେ ପ୍ରାୟ 150 ଟି ବ୍ରିକ୍ସ ବୈଠକ ଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ସେଥିମଧ୍ୟରୁ ପ୍ରାୟ 20 ଟି ମନ୍ତ୍ରୀ ସ୍ତରରେ ଅନୁଷ୍ଠିତ ହୋଇଥିଲା।  ପ୍ରାରମ୍ଭିକ ବ୍ରିକ୍ସ ଡିଜିଟାଲ୍ ସ୍ୱାସ୍ଥ୍ୟ ସମ୍ମିଳନୀ ଏବଂ ବ୍ରିକ୍ସ ଜଳ ମନ୍ତ୍ରୀମାନଙ୍କ ପ୍ରଥମ ବୈଠକ ପରି ନୂତନ କ୍ଷେତ୍ରଗୁଡିକରେ ଆନ୍ତଃ-ବ୍ରିକ୍ସ ସହଯୋଗ ବୃଦ୍ଧି କରାଯାଇଥିଲା।

6. ଭାରତର ଅଧ୍ୟକ୍ଷତାରେ ଅନ୍ୟାନ୍ୟ ସଫଳତାଗୁଡିକ ମଧ୍ୟରେ ବ୍ରିକ୍ସ ଆତଙ୍କବାଦ ବିରୋଧୀ କାର୍ଯ୍ୟ ଯୋଜନା, କୃଷି ଅନୁସନ୍ଧାନ ପ୍ଲାଟଫର୍ମର କାର୍ଯ୍ୟକାରିତା, ରିମୋଟ-ସେନ୍ସିଂ ସାଟେଲାଇଟ ସମୂହ କ୍ଷେତ୍ରରେ ସହଯୋଗ ଉପରେ ଚୁକ୍ତିନାମା ସ୍ୱାକ୍ଷର, କଷ୍ଟମ୍ସ ମାମଲା ଉପରେ ସହଯୋଗ ଓ ପାରସ୍ପରିକ ପ୍ରଶାସନିକ ସହାୟତାକୁ ନେଇ ବ୍ରିକ୍ସ ଚୁକ୍ତିନାମା ଏବଂ ମାନବ ବ୍ୟବହାର ପାଇଁ ମେଡିକାଲ ଉତ୍ପାଦର ନିୟାମକ କ୍ଷେତ୍ରରେ ସହଯୋଗ ଉପରେ ଚୁକ୍ତିନାମାର ଚୂଡାନ୍ତକରଣ ଅନ୍ତର୍ଭୁକ୍ତ।

7. ବ୍ରିକ୍ସ ଶେର୍ପା ଏବଂ ସୋସ୍ ଶେର୍ପାମାନଙ୍କର ବୈଠକରେ ବ୍ରିକ୍ସ ଗାଭେଲ ଏବଂ ହ୍ୟାଣ୍ଡଓଭର ରିପୋର୍ଟ ଚୀନକୁ ପ୍ରଦାନ କରାଯାଇଥିଲା। 1 ଜାନୁଆରୀ 2022 ରୁ ଆରମ୍ଭ ହେଉଥିବା ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଚୀନ ମଧ୍ୟ ନିଜର ପ୍ରାଥମିକତା ଉପସ୍ଥାପନ କରିଥିଲା।

8. ବ୍ରିକ୍ସ ସହଭାଗୀମାନେ 2021 ରେ ଭାରତର ବ୍ରିକ୍ସ ଅଧ୍ୟକ୍ଷତାକୁ ପ୍ରଶଂସା କରିଥିଲେ। କୋଭିଡ-19 ମହାମାରୀ ସତ୍ତ୍ୱେ କରାଯାଇଥିବା କାର୍ଯ୍ୟକଳାପକୁ ସେମାନେ ପ୍ରଶଂସା କରିଥିଲେ ଯାହା ନିରନ୍ତରତା, ଏକୀକରଣ ଏବଂ ସହମତିର ନୀତିକୁ ସୁଦୃଢ଼ କରିବା ସହିତ ଆନ୍ତଃ-ବ୍ରିକ୍ସ ସହଯୋଗକୁ ଆହୁରି ସୁଦୃଢ଼ କରିପାରିଛି। ସେମାନେ ସ୍ୱୀକାର କରିଥିଲେ ଯେ ଆମ ଦେଶ ତଥା ଆମ ଲୋକଙ୍କ ଲାଭ ପାଇଁ ଚଳିତ ବର୍ଷରେ ବ୍ରିକ୍ସ ରଣନୀତିକ ଭାଗିଦାରୀ ମଜବୁତ ହୋଇଛି। ବ୍ରିକ୍ସ ସହଭାଗୀମାନେ 2022 ମସିହାରେ ଚୀନର ଆଗାମୀ ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଏହାକୁ ପୂର୍ଣ୍ଣ ସମର୍ଥନ ଦେବାକୁ ରାଜି ହୋଇଥିଲେ। ନିଜର ଅଧ୍ୟକ୍ଷତା ବର୍ଷରେ ବ୍ରିକ୍ସ ସହଭାଗୀମାନଙ୍କ ଗଠନମୂଳକ ଯୋଗଦାନ ପାଇଁ ଭାରତ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଛି। ଏହି ସମୟରେ ବ୍ରିକ୍ସ ଅଧିକ ଶକ୍ତିଶାଳୀ ଓ ଅଧିକ ଜୀବନ୍ତ ହୋଇଛି।

**ନୂଆଦିଲ୍ଲୀ**

**ଡିସେମ୍ବର 15, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.